# ପାରିବାରିକ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ଲଖନପୁର, ୬।୧ (ଡି.ଏନ.ଏ.)- ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ଇବ୍ ଥର୍ମାଲଠାରେ ରାଜୀବ ଗାନ୍ଧୀ ପଡ଼ିଆରେ ଶନିବାର କମ୍ପାନୀର ପାରିବାରିକ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ କମ୍ପାନୀର ନିର୍ଦ୍ଦେଶକ (ଅପରେସନ) ଇନ୍ଦ୍ରନୀଲ୍ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଉଦଘାଟନ କରିଥିଲେ । ଏଥିରେ କମ୍ପାନୀର ଅଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀ ଓ ତାଙ୍କ ପରିବାରବର୍ଗ ପ୍ରତିଯୋଗିତାରେ ନେଇଥିଲେ । ଉଦଘାଟନୀ ଦିବସର ମୁକାବିଲା ମଧ୍ୟରୁ ୪୦୦ ମିଟର ଦୌଡ଼ରେ ସୁଧୀର କୁମାର ବେହେରା ପ୍ରଥମ, ଅଂଶୁମାନ ଶତପଥୀ ଦ୍ୱିତୀୟ, ମେଘନାଦ ସେଠୀ ତୃତୀୟ ଓ ଗୁରୁଚରଣ ପ୍ରଧାନ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ସେହିପରି ସିନିୟର ଓ ଜୁନିୟର ପ୍ରତିଯୋଗୀଙ୍କ ୧ଶହ ମିଟର ଚାଲିବା ମୁକାବିଲା ହୋଇଥିଲା । ଏଥିରେ



ପ୍ରତିଯୋଗିତାର ଉଦ୍‌ଘାଟନ କରୁଛନ୍ତି ନିର୍ଦ୍ଦେଶକ (ଅପରେସନ୍) ଇନ୍ଦ୍ରନୀଲ ଦତ୍ତ ।

ଡାକ୍ତର ବିଜୟଲାଲ ବିଶ୍ୱାଳ ପ୍ରଥମ, ସଞ୍ଜୟ ପତ୍ରା ଦ୍ୱିତୀୟ ଓ ପରମେଶ୍ୱର ସା ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହିଳା ବର୍ଗରେ ସ୍ୱାତି ରୋହିଣୀ ପ୍ରଥମ, ସୁଷମା ପାଇ ଦ୍ୱିତୀୟ ଓ ଈଶ୍ୱରୀ ଜଗଦଲା ତୃତୀୟ ସ୍ଥାନରେ ରହିଥିଲେ । ମ୍ୟୁଜିକ କାର୍ଡ଼ରେ ମହାବୀର ପଣ୍ଡା ପ୍ରଥମ, ଡ. ବିଜୟଲାଲ ବିଶ୍ୱାଳ ଦ୍ୱିତୀୟ, ଗଣେଶ କୋରଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଖେଳକୁଦ ପ୍ରତିଯୋଗୀତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟିର ସଭାପତି ପ୍ରଦୀପ କୁମାର ପାତ୍ର ଜଣାଇଛନ୍ତି । ଏଥିରେ କମ୍ପାନୀର ପର୍ସନାଲ ବିଭାଗ ଅଧିକାରୀ ଦିଲୀପ ପଣ୍ଡା, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ବେହେରା ପ୍ରମୁଖ ଅଧିକାରୀଗଣ ସହଯୋଗ କରିଥିଲେ ।